# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**26th August - 2024**

**News Editor : Itishree Singh Rathaur**

*************************************

## ମୁଖ୍ୟ ସମ୍ବାଦ

- ଅନୁଗୁଳ ଜିଲ୍ଲା ଆଠମଲ୍ଲିକରେ ୯୪ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ରାଜ୍ୟ ମହିଳା ଓ ଶିଶୁ ବିଭାଗ ପକ୍ଷରୁ ଜାରି ହେଲା ସୁଭଦ୍ରା ଯୋଜନାର ମାର୍ଗଦର୍ଶିକା; ମୋ ସେବା କେନ୍ଦ୍ରରେ ଆବେଦନପତ୍ର ଦାଖଲ କରିପାରିବେ ଲାଭାର୍ଥୀ
- ଶ୍ରଦ୍ଧା ଓ ଭକ୍ତିର ସହ ରାଜ୍ୟବ୍ୟାପୀ ପାଳନ କରାଯାଉଛି ଜନ୍ମାଷ୍ଟମୀ; ପୁରୀ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା; ପ୍ରବଳ ବର୍ଷା ହେବା ନେଇ ୧୬ଟି ଜିଲ୍ଲାକୁ ସତର୍କ ସୂଚନା

*PR*

## ଧର୍ମେନ୍ଦ୍ର ପ୍ରଧାନ– ଛାତ୍ରୀ ନିବାସ ଉଦ୍‌ଘାଟନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ବନମାଳୀପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୂତନ ଭବନ ଏବଂ ଛାତ୍ରୀ ନିବାସ ଉଦଘାଟନ କରିଛନ୍ତି। ଏହା ସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ସଡ଼କପଥ ଭିତ୍ତିକ ୯୪ କୋଟି ୮୩ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଜାତୀୟ ଶିକ୍ଷା ନୀତି ନୂଆ ପିଢ଼ିଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଇବା ଉପରେ ପ୍ରାଥମିକତା ଦେଉଛି। ସେ କହିଛନ୍ତି, ରାଜ୍ୟରେ ପିଏମ୍‌ଶ୍ରୀ ଯୋଜନାରେ ପ୍ରତ୍ୟେକ ବ୍ଲକ ଓ ପୌରାଞ୍ଚଳରେ ଦୁଇଟି ଲେଖାଏଁ ସ୍କୁଲକୁ ବିକଶିତ କରାଯିବ। ଏହିକ୍ରମରେ ରାଜ୍ୟରେ ପ୍ରାୟ ୮୦୦ ପିଏମ୍‌ଶ୍ରୀ ସ୍କୁଲକୁ ବିକଶିତ କରାଯିବାର ଯୋଜନା ରହିଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ବିକଶିତ ଓଡ଼ିଶା ଗଠନର ଆହ୍ୱାନ ଦେଇଛନ୍ତି।

*HS*

## ସୁଭଦ୍ରା ଯୋଜନା

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଶୁଭଦ୍ରା ଯୋଜନାର ମାର୍ଗଦର୍ଶିକା ଜାରି କରାଯାଇଛି। ମାର୍ଗଦର୍ଶିକା ଅନୁଯାୟୀ, ୨୧ରୁ ୬୦ ବର୍ଷ ମଧ୍ୟରେ ମହିଳାମାନେ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିପାରିବେ। ଆଧାରକାର୍ଡରେ ଥିବା ଜନ୍ମ ତାରିଖକୁ ଗ୍ରହଣ କରାଯିବ। ଆବେଦନ ପାଇଁ ୨୦୨୪-୨୫ ବର୍ଷ ଲାଗି ଗତ ଜୁଲାଇ ମାସ ୧ ତାରିଖ ସୁଦ୍ଧା ହିତାଧିକାରୀଙ୍କ ବୟସ ୨୧ରୁ ୬୦ ବର୍ଷ ମଧ୍ୟରେ ହୋଇଥିବା

ଆବଶ୍ୟକ। ସେହିପରି ମାସକୁ ୧ହଜାର ୫୦୦ ବା ବର୍ଷକୁ ୧୮ ହଜାରରୁ ଅଧିକ ସରକାରୀ ସହାୟତା ପାଉଥିବା, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପେନସନ୍ ପାଉଥିବା, ମହିଳାମାନେ ଶୁଭଦ୍ରା ଯୋଜନା ପାଇଁ ଆବେଦନ କରିପାରିବେ ନାହିଁ। ବର୍ତ୍ତମାନ କିମ୍ବା ପୂର୍ବତନ ସାଂସଦ ବା ବିଧାୟକ, ୱାର୍ଡ ମେମ୍ବର, କାଉନସିଲର ବ୍ୟତୀତ ଅନ୍ୟ ପଞ୍ଚାୟତ ପ୍ରତିନିଧିମାନେ ମଧ୍ୟ ଏଥିପାଇଁ ଆବେଦନ କରିପାରିବେ ନାହିଁ। ଯେଉଁମାନଙ୍କର ନିଜର ବା ପରିବାରର ଜଳସେଚିତ ଜମି ୫ ଏକର ବା ଅଣଜଳସେଚିତ ଜମି ୧୦ ଏକର ରହିଛି ସେମାନେ ମଧ୍ୟ ଏହି ଯୋଜନାରୁ ବାଦ ପଡ଼ିବେ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି। ସୁଭଦ୍ରା ଯୋଜନାର ଲାଭ ପାଇବା ପାଇଁ ନିର୍ଦ୍ଧାରିତ ଫର୍ମରେ ଅଫଲାଇନ ଜରିଆରେ ବା ଅନଲାଇନ୍‌ରେ ଶୁଭଦ୍ରା ପୋର୍ଟାଲରେ ଆବେଦନ କରାଯାଇପାରିବ। ଅଙ୍ଗନବାଡ଼ି କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ ଓ ମୋ ସେବା କେନ୍ଦ୍ରରେ ବିନା ମୂଲ୍ୟରେ ଫର୍ମ ମିଳିବ। ଆବେଦନକାରୀ ଫର୍ମ ପୂରଣ କରି ମୋ ସେବା କେନ୍ଦ୍ରରେ ଦାଖଲ କରିବେ। ଯୋଗ୍ୟ ହିତାଧିକାରୀଙ୍କୁ ଏଟିଏମ୍ କାର୍ଡ ମିଳିବ। ସେମାନଙ୍କୁ ୫ ବର୍ଷରେ ୫୦ ହଜାର ଟଙ୍କା ମିଳିବ। ସୂଚନା ଅନୁସାରେ, ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି।

*I&PR*

## ଉପମୁଖ୍ୟମନ୍ତ୍ରୀ– ଶୀତଳଭଣ୍ଡାର

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ଶୀତଳଭଣ୍ଡାର ଖୋଲିବା ନେଇ

ଏକ ବୈଠକ ଅନୁଷ୍ଠିତ ହୋଇଛି । କୃଷି ଭବନ ବୋର୍ଡ ରୁମ୍‌ରେ ଆୟୋଜିତ ବୈଠକରେ ଫଳ, ପନିପରିବା, ଦୁଗ୍ଧ ତଥା ଦୁଗ୍ଧଜାତ ଦ୍ରବ୍ୟର ସଂରକ୍ଷଣ ପାଇଁ ସମସ୍ତ ଜିଲ୍ଲା ତଥା ସବ୍‌ଡିଭିଜନ୍‌ରେ ଶୀତଳଭଣ୍ଡାର ଖୋଲାଯିବା ଉପରେ ଆଲୋଚନା ହୋଇଥିଲା । ବୈଠକରେ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଶୀତଳ ଭଣ୍ଡାର ପ୍ରତିଷ୍ଠା ଉପରେ ଶ୍ରୀ ସିଂଦେଓ ଗୁରୁତ୍ୱ ପ୍ରଦାନ କରିଥିଲେ । ଏହା ସହ ଅକ୍ଷୟ ଶକ୍ତି ଓ ସୌରଶକ୍ତିର ବ୍ୟବହାର ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ସରକାର ୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଦେଉଥିବାରୁ ଏହାର ସୁଯୋଗ ନେଇ ଉଦ୍ୟୋଗୀ ମାନେ ଶୀତଳଭଣ୍ଡାର ଖୋଲିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ । ଏହି ବୈଠକରେ ବିଭାଗୀୟ ପ୍ରମୁଖ ସଚିବ ଡକ୍ଟର ଅରବିନ୍ଦ ପାଢ଼ିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

***BBSR/C***

## ବାର୍ଡ ଫ୍ଲୁ

ପୁରୀ ଜିଲ୍ଲାର ପିପିଲିରେ ବାର୍ଡ ଫ୍ଲୁ ସଂକ୍ରମଣ ଦେଖାଦେଇଛି । ରାଜ୍ୟ ସରକାରଙ୍କ ପ୍ରୋଟକଲ ଅନୁଯାୟୀ, ୨୦ ହଜାରରୁ ଅଧିକ କୁକୁଡ଼ାକୁ ମାରି ପୋତି ଦିଆଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ସମ୍ପୃକ୍ତ ଅଞ୍ଚଳକୁ ବିଶୋଧନ ମଧ୍ୟ କରାଯାଇଛି । ପିପିଲି ଅଞ୍ଚଳରୁ ସଂଗୃହୀତ ବାର୍ଡ ଫ୍ଲୁ ନମୁନାରେ ଏଚ୍-ଫାଇଭ୍ ଏନ୍-ୱାନ୍ ଭୂତାଣୁ ପରିଲକ୍ଷିତ ହୋଇଥିବା ଭୋପାଳସ୍ଥିତ ଜାତୀୟ ପଶୁରୋଗ ପ୍ରତିଷ୍ଠାନ ତାର ରିପୋର୍ଟରେ ଦର୍ଶାଇଛି ।

ଇତିମଧ୍ୟରେ ରାଜ୍ୟ ସରକାର ସମସ୍ତ ଜିଲ୍ଲା ପ୍ରଶାସନକୁ ପ୍ରତିଷେଧକ ମୂଳକ ବ୍ୟବସ୍ଥା ଗ୍ରହଣ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ବାର୍ଡ ଫ୍ଲୁ ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି । ସୂଚନା ଅନୁଯାୟୀ, ବାର୍ଡ ଫ୍ଲୁରେ ସଂକ୍ରମଣ ହେଲେ ପ୍ରଥମେ ଜ୍ୱର ହୋଇଥାଏ । ତେଣୁ କିଛିଦିନ ଲାଗି କୁକୁଡ଼ା ମାଂସ ନ ଖାଇବା ପାଇଁ ସେ ପରାମର୍ଶ ଦେଇଛନ୍ତି ।

***Sambalpur/Puri/Gajapati/Boudh***

## ଜନ୍ମାଷ୍ଟମୀ

ଶ୍ରଦ୍ଧା ଓ ଭକ୍ତିର ସହ ଆଜି ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ଜନ୍ମାଷ୍ଟମୀ ପର୍ବ ପାଳିତ ହେଉଛି । ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ । ଜନ୍ମାଷ୍ଟମୀ ପାଇଁ ସାରା ଦେଶ ଉତ୍ସବ ମୁଖର ହୋଇଉଠିଛି । ମନ୍ଦିରଗୁଡିକରେ ସ୍ୱତନ୍ତ୍ର ପୂଜାର୍ଚ୍ଚନାର ଆୟୋଜନ କରାଯାଇଛି ।

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀକୃଷ୍ଣ ଜନ୍ମୋତ୍ସବ ପୂଜାନୀତି ଅନୁଷ୍ଠିତ ହେଉଛି । ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପ୍ରଭୁ ଶ୍ରୀକୃଷ୍ଣ ଧରାବତରଣ କରିବାର ପରମ୍ପରାକୁ ଅନୁକରଣ କରି ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ହେଉଛି । ଗତକାଲି ପ୍ରସବ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଜେଉଡ ଭୋଗ ସହ ଗର୍ଭଉଦକ ବନ୍ଦାପନା ନୀତି ହୋଇଥିଲା । ଆଜି ସ୍ୱତନ୍ତ୍ର ଭାବେ ଭଣ୍ଡାରଗୃହ ସମ୍ମୁଖରେ ଶ୍ରୀକୃଷ୍ଣଙ୍କର ଜନ୍ମନୀତି ପାଳନ କରାଯିବ । ମହାଜନ ସେବାୟତ ଦେବକୀ ଓ ବସୁଦେବ ବେଶରେ

ଉପସ୍ଥିତ ରହି ନିଶାର୍ଦ୍ଧରେ ଏହି ଜନ୍ମନୀତି ସମ୍ପାଦନ କରିବା ସହ ନାଭିକଟା ମଣ୍ଡପରେ ବିଶେଷବିଧି କରାଯିବାର ପରମ୍ପରା ରହିଛି । ରାଜ୍ୟର ବିଭିନ୍ନ ମଠ ଓ ମନ୍ଦିରଗୁଡିକରେ ମଧ୍ୟ ଶ୍ରୀକୃଷ୍ଣ ଜନ୍ମୋତ୍ସବ ପାଳନ କରାଯାଉଛି ।

ବୌଦ୍ଧରେ ମଦନମୋହନ ମନ୍ଦିରରେ ସକାଳଠାରୁ ଭକ୍ତଙ୍କ ଗହଳି ଲାଗି ରହିଛି।

ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିରରେ ତିନିଠାକୁରଙ୍କ ଦର୍ଶନ ସମେତ ବିଭିନ୍ନ ଶ୍ରୀରାଧାକୃଷ୍ଣ ମଠ ମନ୍ଦିରଗୁଡ଼ିକରେ ପ୍ରଭୁଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗି ରହିଛି। ମା’ ଫୁଲ ସୁନ୍ଦରୀ ମନ୍ଦିର କମିଟି ତତ୍ତ୍ୱାବଧାନରେ ସଂକୀର୍ତ୍ତନମଣ୍ଡଳୀ ସହର ପରିକ୍ରମା କରିଛି। ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ଏଥିରେ ଛୋଟ ପିଲାମାନେ ସାମିଲ ହୋଇଥିଲେ।

ଦେବଗଡ଼ର ଶ୍ରୀଜଗନ୍ନାଥ, ରାଧାକୃଷ୍ଣ, ଗୋପଳଜୀଉ, ଗୋପୀନାଥ ଜୀଉ ମନ୍ଦିର ସମେତ ଜିଲ୍ଲାର ବିଭିନ୍ନ ଗ୍ରାମର ମନ୍ଦିରଗୁଡ଼ିକରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଉଛି। ଆସନ୍ତାକାଲି ନନ୍ଦ ଉତ୍ସବ ପାଇଁ ପ୍ରସ୍ତୁତି ପର୍ବ ଶେଷ ହୋଇଛି।

ସମ୍ବଲପୁର ସହରର ସାକ୍ଷୀପଡ଼ା ସ୍ଥିତ ରାଧାକୃଷ୍ଣ ମନ୍ଦିର, ବୁର୍ଲା ଇସ୍କନ ମନ୍ଦିର, ବ୍ରହ୍ମପୁରା ଜଗନ୍ନାଥ ମନ୍ଦିର ଓ ମୋଦୀପୋଡ଼ାର ଜଗନ୍ନାଥ ମନ୍ଦିରରେ ଜନ୍ମାଷ୍ଟମୀ ପାଳନ କରାଯାଉଛି।

***HS***

## ଇଡି ନିର୍ଦ୍ଦେଶକଙ୍କ ଓଡ଼ିଶା ଗସ୍ତ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଇଡିର ନିର୍ଦ୍ଦେଶକ ରାହୁଲ ନବୀନ ତିନି ଦିନିଆ ଓଡିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ସେ ଆସନ୍ତାକାଲି ସନ୍ଧ୍ୟାରେ ଭୁବେନଶ୍ୱରରେ ପହଁଞ୍ଚିବେ । ଗସ୍ତ କାଳରେ ସେ କଟକ ଓ ଭୁବେନଶ୍ୱରରେ ବିଭାଗୀୟ ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକରେ ଯୋଗଦେବେ । ଆସନ୍ତା ୨୮ ତାରିଖରେ ଶ୍ରୀ ନବୀନ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି ।

***Nuapada***

## ବରାହ ଛୁଆ ଉଦ୍ଧାର

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଗଡ଼ରାସନୀ ସଂରକ୍ଷିତ ଜଙ୍ଗଲରୁ ୫ଟି ବରାହ ଛୁଆ ବନବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି । ଖଡ଼ିଆଳ ବ୍ଲକର ଗୌରାମୁଣ୍ଡା ଗ୍ରାମରେ ଥିବା ଏକ ପରିତ୍ୟକ୍ତ କୂଅଁରୁ ବରାହ ଛୁଆଗୁଡ଼ିକୁ ଉଦ୍ଧାର କରାଯିବା ପରେ ପ୍ରାଣୀ ଚିକିତ୍ସାକେନ୍ଦ୍ରରେ ରଖାଯାଇଛି ।

***PR***

## ସଂସ୍କୃତ ମହୋତ୍ସବ

କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ମହୋତ୍ସବ ଉଦ୍‌ଯାପିତ ହୋଇଛି । ସଂସ୍କୃତ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ଶ୍ରୀ ସଦାଶିବ କ୍ୟାମ୍ପସସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ପ୍ରଫେସର ବିଶ୍ୱାଳ ସଂସ୍କୃତର ମହତ୍ତ୍ୱ ଏବଂ ବୈଜ୍ଞାନିକ କ୍ଷେତ୍ରରେ ଏହାର ପ୍ରାସଙ୍ଗିକତା ଉପରେ

ଆଲୋଚନା କରିଥିଲେ। ସପ୍ତାହବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

***Boudh***

## ରକ୍ତଦାନ ଶିବିର

ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ପରିସରରେ ପୁଲିସ ସମିତି ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିରରେ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ପାଇଁ ଉପହାର ଭାବେ ହେଲମେଟ୍ ପ୍ରଦାନ କରାଯାଇଥିଲା। ଏଥିରେ ୧୧୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହା ସହ 'ଏକ ପେଡ଼ ମା କେ ନାମ୍' କାର୍ଯ୍ୟକ୍ରମ ମାଧ୍ୟମରେ ଚାରାରୋପଣ କରାଯାଇଥିଲା।

***Nuapada***

## ଆଇନ ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା ଜିଲ୍ଲା ବୋଡେନ କୋର୍ଟ ପରିସରରେ ତାଲୁକସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପଲ୍ଲବୀ ଦାସ ଯୋଗଦେଇ ନିଃଶୁଳ୍କ ଆଇନ ସହାୟତା ପ୍ରଦାନ ଓ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

***Desk***

# ପାଣିପାଗ

ବାଂଲାଦେଶ ଓ ଆଖାପାଖ ଅଞ୍ଚଳରେ ଗତକାଲି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ

ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ସେହିଭଳି ଆସନ୍ତା ୨୪ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ୧୬ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।